## ଟ୍ରାକ୍ଟର ଓଲଟି ଶ୍ରମିକ ମୃତ

ବଇଣ୍ଡା,(ପରିକ୍ଷିତ ସାହୁ): କିଶୋରନଗର ବ୍ଲକ ହଣ୍ଡପା ଥାନା ଗରୁଡ଼ ଗ୍ରାମରେ ଶନିବାର ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ଚାପିହୋଇ ଠାକୁରଗଡ଼ ଥାନା ଝିଲ୍ଲିମୁଣ୍ଡା ଗ୍ରାମର ଶ୍ରମିକ ବିଶୁଆ ବେହେରାଙ୍କ ମୃତ୍ୟୁ ହୋଇଛି। ଏହାକୁ ନେଇ ଉତ୍ତେଜନା ଦେଖାଦେଇଛି। ଟ୍ରାକ୍ଟରଟି ଧାନ ନେଇ ଯାଉଥିବାବେଳେ ଚାଳକ ଭାରସାମ୍ୟ ହରାଇବାରୁ ଓଲଟି ପଡ଼ିଥିଲା। ଗାଡ଼ି ଡାଲାରେ ଥିବା ବିଶୁଆ ଚାପିହୋଇ ପ୍ରାଣ ହରାଇଥିଲେ। ଖବରପାଇ ହଣ୍ଡପା ପୋଲିସ ପହଞ୍ଚି ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ମନ୍ଦିର କମିଟି ଭାଙ୍ଗିବାକୁ ଜିଲାପାଳଙ୍କୁ ଦରଖାସ୍ତ

**ଶୈଳଶ୍ରୀକ୍ଷେତ୍ର ମନ୍ଦିରରୁ ଚୋରି ଘଟଣା**

- କମିଟି ସମ୍ପାଦକ, ଅଧ୍ୟକ୍ଷଙ୍କ ଇସ୍ତଫା ଦାବି ଜୋର୍ ଧରିଲା
- ଦୁର୍ବୃତ୍ତଙ୍କ ସନ୍ଧାନ ପାଉନି ପୋଲିସ


ଜଗନ୍ନାଥ ସେନା ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।


ଶ୍ରୀଜୀଉଙ୍କ ଠାରେ କାଗଜ ପଟିରେ ତିଆରି ମଥାମଣି ଲଗାଯାଇଛି।

ଅନୁଗୋଳ,୧୮।୧ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରୁ ଗୁରୁବାର ବିଳମ୍ବିତ ରାତିରେ ହୋଇଥିବା ଚୋରି ଘଟଣାରେ ପୋଲିସର ହାତ ଏଯାଏ ଖାଲି ରହିଛି। ମନ୍ଦିର ଚାରିପାର୍ଶ୍ୱରେ ଥିବା ଘର, ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ କରି କରିବା ପରେ ମଧ୍ୟ ପୋଲିସ ଦୁର୍ବୃତ୍ତମାନଙ୍କ କୌଣସି ସନ୍ଧାନ ପାଇପାରି ନାହିଁ। ମନ୍ଦିର ତଳେ ରହୁଥିବା ଘରଗୁଡ଼ିକରେ ବାହାରୁ ଆସି ଭଡ଼ାରେ ରହୁଥିବା ଲୋକଙ୍କୁ ପଚାରି ବୁଝାଯାଉଛି ବୋଲି ପୋଲିସ ସୂଚନା ଦେଇଛି। ପୂର୍ବରୁ ମନ୍ଦିର ପରିସରରେ ଥିବା ଚନ୍ଦନ ଗଛକୁ ଦୁର୍ବୃତ୍ତମାନେ କାଟି ଦେଇଥିଲେ ହେଁ ତାହାକୁ ନେଇପାରି ନ ଥିଲେ। କିନ୍ତୁ ମନ୍ଦିର ପ୍ରଶାସନ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରି ନ ଥିଲା। ଏବେ ମନ୍ଦିରରୁ ଚୋରି ଘଟଣା ପରେ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ସେନା।

କର୍ମକର୍ତ୍ତାମାନେ କହିଛନ୍ତି, ଶ୍ରୀଜୀଉମାନଙ୍କ ଅଳଙ୍କାର ଓ ହୁଣ୍ଡି ଭାଙ୍ଗି ଦାନ ଟଙ୍କା ଚୋରି ହେବା ଘଟଣା ଅନୁଗୋଳବାସୀଙ୍କୁ ବିଶେଷ ଆଘାତ ଦେଇଛି। ଜଗନ୍ନାଥ ମନ୍ଦିର ବିଭିନ୍ନ ସମସ୍ୟା ଦେଇ ଗତି କରୁଥିଲେ ମଧ୍ୟ ଏହାର ନିରାକରଣ ନେଇ ମନ୍ଦିର ପରିଚାଳନା କମିଟି କେବେ ଦୃଷ୍ଟି ଦେଇନାହିଁ। କମିଟିର ଗୋଟେ ଗୋଷ୍ଠୀ କେବଳ କ୍ଷମତା ପାଇଁ ପଦ ପଦବୀ ମାଡ଼ି ବସିଛି। ସମ୍ପାଦକ ଓ ବିଶେଷ ପୂଜା କମିଟି ଅଧ୍ୟକ୍ଷ ଦୀର୍ଘଦିନ କ୍ଷମତାରେ ରହିବା ପାଇଁ କମିଟିର କେତେଜଣ ସଦସ୍ୟଙ୍କୁ ହାତକରି ରଖିଛି। ଏଣୁ ଉଭୟ କର୍ମକର୍ତ୍ତା ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ବୋଲି ଶନିବାର ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ସେନା ତରଫରୁ ଅନୁଗୋଳ ଜିଲାପାଳଙ୍କୁ ସାକ୍ଷାତକରି ଦାବି କରାଯାଇଛି। ଏଥିସହିତ ଏହି କମିଟିକୁ ଭାଙ୍ଗି ନିର୍ବାଚନ ବା ଗଣତାନ୍ତ୍ରିକ ପଦ୍ଧତିରେ ନୂତନ କମିଟି ଗଠନ କରାଯିବା, ମନ୍ଦିରର ସୁରକ୍ଷା ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା, ଯାହାର ଅବହେଳାରୁ ଚୋରି ହେଲା ସେମାନଙ୍କୁ ମନ୍ଦିରରୁ ବହିଷ୍କାର କରାଯିବା, ମନ୍ଦିର ଭୋଗ ବା ମହାପ୍ରସାଦର ମାନ ଭଲ ହେଉ ନ ଥିବା ନେଇ ସାଧାରଣରେ ଅଭିଯୋଗ ହେଉଥିବା ଆଦି ଘଟଣାର ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି କରାଯାଇଛି। ମନ୍ଦିରକୁ ଦାନ ଦେଉଥିବା ଭକ୍ତଙ୍କ ଅଳଙ୍କାର କିମ୍ବା ଟଙ୍କାର ସବିଶେଷ ବିବରଣୀର ରେକର୍ଡ ରଖାଯାଉ ବୋଲି ଅନୁରୋଧ କରାଯାଇଛି। ଏଥିସହିତ ଦୁର୍ବୃତ୍ତଙ୍କୁ ଗିରଫ ସହ ଶ୍ରୀଜୀଉମାନଙ୍କ ଅଳଙ୍କାର ଉଦ୍ଧାର କରାଯାଉ ବୋଲି ଜଗନ୍ନାଥ ସେନା ସ୍ମାରକପତ୍ର ପ୍ରଦାନ କରିଛି। ଅନ୍ୟପକ୍ଷରେ ଚୋରି ଘଟଣା ପରେ ମନ୍ଦିରକୁ ଶୋଧନ କରାଯାଇ ଶ୍ରୀଜୀଉଙ୍କ ଠାରେ କାଗଜ ପଟିରେ ତିଆରି ମଥାମଣି ଲଗାଇ ପୂଜାର୍ଚ୍ଚନା କରାଯାଇଛି।

# ଏକ୍ସଟ୍ରିମ ଏସ୍ଏମ୍ଏସ୍ ଇଣ୍ଡିଆ ଚାମ୍ପିୟନ

**ଜିନ୍ଦଲ ପ୍ରିମିୟର ଲିଗ୍ ୨୦୨୪-୨୫ ଉଦ୍‌ଯାପିତ**



ପୁରସ୍କାର ବିତରଣ ଉତ୍ସବରେ ଅତିଥିଙ୍କ ସହ ବିଜେତା ଟିମ୍‌ର ଖେଳାଳି।

ଅନୁଗୋଳ,୧୮।୧(ମାନସ ବିଶ୍ୱାଳ)

ଅନୁଗୋଳ ଜିନ୍ଦଲ ନଗରରେ ପ୍ରାୟ ଏକମାସ ଧରି ଚାଲିଥିବା ଜିନ୍ଦଲ ପ୍ରିମିୟର ଲିଗ୍ ୨୦୨୪-୨୫ ଉଦ୍‌ଯାପିତ ହୋଇଯାଇଛି। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ପ୍ରତିଭାବାନ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ଏହି ଲିଗ୍ ଡିସେମ୍ବର ୭ରୁ ଆରମ୍ଭ ହୋଇ ଜାନୁଆରୀ ୧୭ ଯାଏ ଚାଲିଥିଲା। ଜେଏସ୍‌ପି ଅନୁଗୋଳ ମାନବ ସମ୍ବଳ ବିଭାଗ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟରେ ୩ଟି ବର୍ଗ ଜେଏସ୍‌ପି ପୁରୁଷ, ମହିଳା ଏବଂ ସ୍କୁଲ ଟିମ୍ ଭାଗ ନେଇଥିଲେ।

ପୁରୁଷ ବର୍ଗରେ ୫୪ଟି ଟିମ୍ ଭାଗ ନେଇଥିଲେ। ବିଭିନ୍ନ ବିଭାଗ ଓ ଭେଣ୍ଡରମାନଙ୍କୁ ନେଇ ଗଠିତ ହୋଇଥିବା ଏହି ସମସ୍ତ ଟିମ୍ ୧୦ ଓଭର ବିଶିଷ୍ଟ ୫୪ଟି ମ୍ୟାଚ୍ ଖେଳିଥିଲେ। ଫାଇନାଲ ମ୍ୟାଚରେ ଏକ୍ସଟ୍ରିମ ଏସ୍ଏମ୍ଏସ୍ ଇଣ୍ଡିଆ ଟିମ୍ ଏବଂ ସିଏଚ୍‌ପି ସ୍ମାସରର୍ସ ଟିମ୍ ମଧ୍ୟରେ ଟାଇଟଲ ମୁକାବିଲା ହୋଇଥିଲା। ଏଥିରେ ଏକ୍ସଟ୍ରିମ ଏସ୍ଏମ୍ଏସ୍ ଇଣ୍ଡିଆ ଆବଶ୍ୟକ ୧୨୧ ରନ କରି ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଲୁନା ବେଷ୍ଟ ବ୍ୟାଟ୍ସମ୍ୟାନ ଓ ମ୍ୟାନ ଅଫ ଦି ସିରିଜ୍ ପୁରସ୍କାର ପାଇଥିଲେ। ଚିନ୍ମୟ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ମରିୟାପ୍ପାନଙ୍କୁ ଶ୍ରେଷ୍ଠ ବୋଲର ଭାବେ ଘୋଷଣା କରାଯାଇଥିଲା। ଜେଏସ୍‌ପି ଲେଡିଜ ବର୍ଗରେ ୪ଟି ଟିମ୍ ଭାଗ ନେଇଥିଲେ। ଏଥିରେ ଜେକ୍ୟୁଏଲ୍‌ସି କ୍ଲବକୁ ପରାସ୍ତ କରି ଜେକ୍ୟୁଏସ୍ଏଫଏସ୍ଏସ୍ ଟିମ୍ ଚାମ୍ପିୟନ ହୋଇଥିଲା। ସେହିପରି ସ୍କୁଲ ଟିମ୍ ବର୍ଗରେ ସାବିତ୍ରୀ ଜିନ୍ଦଲ ଡିଏଭି ସ୍କୁଲକୁ ପରାସ୍ତ କରି ଓପି ଜିନ୍ଦଲ ସ୍କୁଲ ଏକାଦଶ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚରେ ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲୀପ ସିହ୍ନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ଟିମ୍‌କୁ ପ୍ରଶଂସା କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଏସ୍ଏମ୍ଏସ୍ ଅଧ୍ୟକ୍ଷ ଅତୁଲ ଦୁବେ, ଏଭିପି-ଏସ୍ଏମ୍ଏସ୍ ଶ୍ରୀକାନ୍ତ ଆଡ୍ରେ, ଜିଏମ-ବିଏଚ୍ଆର୍ ଶରତ କିଶୋର ପଣ୍ଡା, ଜିଏମ୍ ସେଫ୍ଟି ରାଜୀବ ସୋନି ପ୍ରମୁଖ ପୁରସ୍କାର ବିତରଣ ଉତ୍ସବରେ ସାମିଲ ହୋଇଥିଲେ।

# ୯୮ ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ

ତାଲଚେର,୧୮।୧ (ମନୋଜ ନନ୍ଦ)/ ପବିତ୍ରନଗର (ନିରୋଜ ପ୍ରଧାନ)

କଣିହାଁ ବ୍ଲକ କୁଲୁମା ପଞ୍ଚାୟତ ଜଗମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଦିଗମ୍ବର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ପ୍ରତିଷ୍ଠାତା ଜଗମୋହନ ପ୍ରଧାନ ଯୋଗଦେଇ ଆତ୍ମରକ୍ଷା କୌଶଳର ଗୁରୁତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିବା ସହ ମାନପତ୍ର ପ୍ରଦାନ କରିଥିଲେ। ଅଧ୍ୟକ୍ଷ ବିଶ୍ୱାଳ ସାମ୍ପ୍ରତିକ ପରିସ୍ଥିତିରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ୮ଦିନ ଧରି ଚାଲିଥିବା ଶିବିରରେ କଲେଜର ୯୮ ଜଣ ଛାତ୍ରୀ ତାଲିମ ନେଇଥିଲେ। ପ୍ରଶିକ୍ଷିକା ପି. ଚିନ୍ମୟୀ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ବିଷ୍ଣୁଚରଣ ନାୟକ ଶିବିର ପରିଚାଳନା କରିଥିଲେ। ଅଧ୍ୟାପକ ଭଗବାନ ସାହୁ, ସୌଦାମିନୀ ଦାସ, ନିରଞ୍ଜନ ପ୍ରଧାନ, ଅରୁଣ କୁମାର ନାୟକ, ନିରଞ୍ଜନ ସ୍ୱାଇଁ, ସଞ୍ଜୟ କୁମାର ପ୍ରଧାନ, ଖେଳ ଶିକ୍ଷକ ବଂଶୀଧର ସାହୁ, କମଳାକାନ୍ତ ବିଶି ପ୍ରମୁଖ ସହଯୋଗ କରିଥିଲେ। ଉପାଧ୍ୟକ୍ଷ ଇନ୍ଦ୍ରମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




# ଜାତୀୟ ଶିକ୍ଷା ନୀତି ବାତିଲ ଦାବିରେ ବିକ୍ଷୋଭ



ଏଆଇଡିଏସ୍‌ଓ ଅନୁଗୋଳ ଜିଲା ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଅନୁଗୋଳ,୧୮।୧(ମାନସ ବିଶ୍ୱାଳ)

ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଶନିବାର ଏଆଇଡିଏସ୍‌ଓ ଜିଲା କମିଟି ତରଫରୁ ବିକ୍ଷୋଭ କରାଯିବା ସହ ଜାତୀୟ ଶିକ୍ଷା ନୀତି ୨୦୨୦ ସମ୍ପୂର୍ଣ୍ଣ ବାତିଲ କରିବାକୁ ଦାବି କରାଯାଇଛି। ସଙ୍ଗଠନ ପକ୍ଷରୁ କୁହାଯାଇଛି, କେନ୍ଦ୍ର ସରକାର ୨୦୨୦ ମସିହାରେ ଅତ୍ୟନ୍ତ ଅଗଣତାନ୍ତ୍ରିକ ଓ ଏକତରଫା ଭାବରେ ଜାତୀୟ ଶିକ୍ଷାନୀତି ୨୦୨୦କୁ ଲାଗୁକରି ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, ସାମ୍ପ୍ରଦାୟୀକରଣ, କେନ୍ଦ୍ରୀକରଣ ଓ ଧନ୍ଦାମୁଖୀକରଣର ରାସ୍ତା ତ୍ୱରାନ୍ୱିତ କରିଛନ୍ତି। ଜାତୀୟ ଶିକ୍ଷାନୀତି ଲାଗୁ କରିବା ପାଇଁ ରାଜ୍ୟର ସ୍କୁଲ ଓ ଗଣଶିକ୍ଷା ବିଭାଗ ନୋଟିସ ଜାରି କରିଛି। ପ୍ରାକ୍ ପ୍ରାଥମିକ ଶିକ୍ଷା ନିମନ୍ତେ ଆର୍ଥିକ ଅନୁଦାନ ଯୋଗାଇଦେବା ସମ୍ପର୍କରେ ଯେହେତୁ ଜାତୀୟ ଶିକ୍ଷାନୀତିରେ ସ୍ପଷ୍ଟ ଭାବରେ କୌଣସି ଉଲ୍ଲେଖ ନାହିଁ, ତେଣୁ ଏହି ତଥାକଥିତ ପ୍ରାକ୍-ପ୍ରାଥମିକ ଶିକ୍ଷା ବ୍ୟବସାୟୀକରଣକୁ ପ୍ରୋତ୍ସାହନ ଦେବ। ତେଣୁ ଜାତୀୟ ଶିକ୍ଷା ନୀତିକୁ ସମ୍ପୂର୍ଣ୍ଣ ବାତିଲ କରିବା ପାଇଁ ଏଆଇଡିଏସ୍‌ଓ ପକ୍ଷରୁ ଦୃଢ଼ ଦାବି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏଆଇଡିଏସ୍‌ଓ ଅନୁଗୋଳ ଜିଲା ସମ୍ପାଦକ ନାରାୟଣ ନାୟକ, ଉପସଭାପତି ସରୋଜିନୀ ବେହେରା, ସଙ୍ଗଠିକା ନିରୁପମା ନାୟକ, ଏଲିଶା ଶୁଭଦର୍ଶୀନୀଙ୍କ ସମେତ ସଙ୍ଗଠନର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଆତ୍ମରକ୍ଷାର ସୁଫଳ ଉପରେ ଗୁରୁତ୍ୱ

ଛେଣ୍ଡିପଦା,୧୮।୧(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ବାପୁଜୀ ମହାବିଦ୍ୟାଳୟ ପରିସରରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆତ୍ମରକ୍ଷା ଶିବିରର ଉଦ୍ଦେଶ୍ୟ ଓ ଛାତ୍ରୀମାନେ କିପରି ସୁଫଳ ପାଇବେ ସେ ନେଇ ପ୍ରେରଣା ଦେବା ସହିତ ମନୋବଳକୁ ସୁଦୃଢ଼ କରାଇଥିଲେ। ଏହି ପ୍ରଶିକ୍ଷଣରେ ମହାବିଦ୍ୟାଳୟର ପ୍ରାୟ ୧୭୬ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ନମସ୍ୱିନୀ ଦାସ ଓ ସୁସ୍ମିତା ଷଡ଼ଙ୍ଗୀ ଶିବିର ପରିଚାଳନା କରିଥିବାବେଳେ ଛାତ୍ରୀଙ୍କୁ ପ୍ରଶିକ୍ଷିକା ମମତା ସୁନ୍ଦର ମହାରଣା ଆତ୍ମରକ୍ଷା କୌଶଳ ଏବଂ ଉପସ୍ଥିତ ବୌଦ୍ଧିକତା ପ୍ରୟୋଗର ଶିକ୍ଷା ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



# ଜିଲାସ୍ତରୀୟ ପୁରାଣ ପ୍ରଶ୍ନୋତ୍ତର ପ୍ରତିଯୋଗିତା: ବଡ଼ଯୋରଡ଼ା ପ୍ରଥମ

ବନ୍ତଲା,୧୮।୧(ସୁଶିତ ସାହୁ)



ଅନୁଗୋଳ ଜିଲା ପୋକତୁଙ୍ଗା ଗ୍ରାମ ଦୋଳମଣ୍ଡପ ଠାରେ ଶନିବାର ଜିଲାସ୍ତରୀୟ ପୁରାଣ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପଣ୍ଡିତ ମହେଶ ସାହୁ, ମୁଖ୍ୟବକ୍ତା ଭାବେ ହସ୍ତଶିଳ୍ପ ନିଗମ ପୂର୍ବତନ ଅଧ୍ୟକ୍ଷ ତ୍ରିଲୋଚନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ କୁମୁଦ ଚନ୍ଦ୍ର ପ୍ରଧାନ, ମା' ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦ ସଭାପତି ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ଆମ ପୁରାଣ ଆମ ସଂସ୍କୃତି ଅନୁଗୋଳର ବିଭୂତି ଭୂଷଣ ସାହୁ, ତଲଗଡ଼ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ, ସନାତନ ଧର୍ମ, ସଂସ୍କୃତିରେ ଅବକ୍ଷୟ ହେଉଛି। ବାହାଘର ପୂର୍ବରୁ ନିର୍ବନ୍ଧ ନାମରେ ରିଙ୍ଗ ସେରିମୋନି କରାଯାଉଛି। ସେହିପରି ପିଲାଙ୍କ ଜନ୍ମ ଦିନରେ ପୂର୍ବରୁ ଭୋଗ ବାଣ୍ଟିବା ସହିତ ନାମସଂକୀର୍ତ୍ତନ କରାଯାଉଥିଲା। କିନ୍ତୁ ବର୍ତ୍ତମାନ ଜନ୍ମ ଦିନରେ କ୍ୟାଣ୍ଡେଲ ଲିଭାଇ କେକ୍ କଟାଯାଉଛି। ପିଲାଟିକୁ କ୍ୟାଣ୍ଡେଲ ଲିଭାଇବାକୁ କହି ତାକୁ ଦୀର୍ଘାୟୁ କରିବା ପରିବର୍ତ୍ତେ ଅଳ୍ପଆୟୁ କରିବାର ପ୍ରୟାସ କରାଯାଉଛି। ବର୍ତ୍ତମାନ ସମୟ ଆସିଛି ସନାତନ ଧର୍ମକୁ ଆହାରଣ କଲେ ସମାଜ ଓ ସଂସ୍କୃତି ସୁଦୃଢ଼ ହେବ। ଏହି ପୁରାଣ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ରନ୍ତଲେଇ, ଶାବଳଭଙ୍ଗା, ମାନପୁର, ସାକସିଙ୍ଗା, ଶରଧାପୁର, ସାନକଞ୍ଜିନି, କର୍ଣ୍ଣିଲି, ସାନଯୋରଡ଼ା, ଡେରା, ପୁରୁଣିଆ, ବଡ଼ଯୋର ବଡ଼ କଞ୍ଜିନି, ଲକେଇପଶି, ଗୋବରା ଆଦି ଜିଲାର ୧୪ଟି ଗ୍ରାମର ଭାଗବତ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। ସ୍କୋରର ଭାବେ ତ୍ରେତାନନ୍ଦ ସାମନ୍ତ, ସଂଯୁକ୍ତା ସାହୁ, ଗୋକୁଳ ଚନ୍ଦ୍ର ଦାସ, ବିରେନ୍ଦ୍ର ଦାସ, ଯୋଗେନ୍ଦ୍ର ବିଶ୍ୱାଳ, ମାନସ କର ଓ ବାମଦେବ ସେଠ ପ୍ରମୁଖ ଦାୟିତ୍ୱ ନେଇଥିଲେ। ପୋକତୁଙ୍ଗା ଗ୍ରାମ୍ୟ କମିଟିର ପ୍ରହ୍ଲାଦ ସାହୁ, ଅଶୋକ ପ୍ରଧାନଙ୍କ ସହଯୋଗରେ ଏହି ୨ୟ ବାର୍ଷିକ ପୁରାଣ ପ୍ରଶ୍ନଉତ୍ତର ପ୍ରତିଯୋଗିତା, ମା' ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦ ଗୋପାଳ ପ୍ରସାଦ ଓ ଆମ ପୁରାଣ ଆମ ସଂସ୍କୃତି ଅନୁଗୋଳ ସୌଜନ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଡ଼ଯୋରଡ଼ା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନ ସାକସିଙ୍ଗା ଓ ବଡ଼କଞ୍ଜନି ତୃତୀୟ ସ୍ଥାନ ଅଧିକାର କରିଥିଲା। ଅତିଥିମାନେ ଚମ୍ପିଆନ ଓ ରନର୍ସଅପ୍‌ଦଳକୁ ପୁରସ୍କାର ସହ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ।

# ତାଳଚେର ଆଇଡ୍ରିମ କଲେଜର ବାର୍ଷିକ କ୍ରୀଡ଼ା

ତାଳଚେର,୧୮।୧ (ମନୋଜ ନନ୍ଦ)




ତାଳଚେର ବହଳର ଛକସ୍ଥିତ ଆଇଡ୍ରିମ ଗ୍ରୁପ୍ ଅଫ ଇନ୍‌ଷ୍ଟିଚ୍ୟୁଶନର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନୀଳକଣ୍ଠେଶ୍ୱର କଲେଜ ସାଉଥ ବଲଣ୍ଡାର ପ୍ରିନସିପାଲ ଡ. ବଳଭଦ୍ର ଜେନା ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟର ପ୍ରିନସିପାଲ ପ୍ରଫେସର ଡ. ସରୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ଗଡ଼ତଳ ହାଏର ସେକେଣ୍ଡରୀ ସ୍କୁଲର ପ୍ରିନ୍ସିପାଲ ନରେନ୍ଦ୍ର ପାଇକରାୟ, ଦୀପକ କୁମାର ପ୍ରଧାନ, ଭାରତୀୟ ସେନାର ପୂର୍ବତନ ଅଧିକାରୀ ପଙ୍କଜ ଲୋଚନ ଆଇଚ ଯୋଗଦେଇଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କଲେଜ ନିର୍ଦ୍ଦେଶକ ଦୀପ୍ତିରଞ୍ଜନ ବିଶ୍ୱାଳ, ପ୍ରିନ୍ସିପାଲ ଯୋଗେଶ୍ୱର ସାହୁ, ପରିଚାଳନା କମିଟି ସଦସ୍ୟ ସଞ୍ଜୟ କୁମାର ସାହୁ, ସ୍ନାତକ ବିଭାଗ ମୁଖ୍ୟ ନିର୍ମଳ ମହାନ୍ତ ପ୍ରମୁଖ ଭୂମିକା ଉପସ୍ଥିତ ଥିଲେ। ମୋନାଲିସା ସାହୁ, ସୌମ୍ୟ ଶାଶତୀ ବେହେରା, ସ୍ୱସ୍ତିପ୍ରଦା ନାଏକ, ମହେଶ୍ୱତା ବିଶ୍ୱାଳ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଅତିଥିମାନେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

ଡେରଙ୍ଗ/ପବିତ୍ରନଗର,୧୮।୧(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ଡେରଙ୍ଗ ତ୍ରିରଙ୍ଗା କ୍ରିକେଟ କ୍ଲବ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଡେରଙ୍ଗ କ୍ରିକେଟ ପଡ଼ିଆଠାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ କ୍ଲବ ସଭାପତି ଗୋଲେଖ ସାହୁଙ୍କ ସମେତ ସୁରେଶ ବଂଶଲ, ସରପଞ୍ଚ ସଂଯୁକ୍ତ ବେହେରା, ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, ସମିତି ସଭ୍ୟ ସନ୍ତୋଷ କୁମାର ନାଏକ, ପବିତ୍ର ମୋହନ ସାହୁ, ସୁରେଶ ସାହୁ, ପରମା ସାହୁ, ପୁରୁଷୋତ୍ତମ ସାହୁ, ବିଦ୍ୟାଧର ସାହୁ, ନିରୋଜ ସାହୁ, ଯୋଗେଶ୍ୱର ସାହୁ, ସନ୍ତୋଷ ବେହେରା, ଇନ୍ଦ୍ରମଣି ସାହୁ, ମହର୍ଗା ବେହେରା, ବିଭୂତି ସାହୁ, ଭଜମନ ସାହୁ, ସୁନୀଲ ସାହୁ, ମୂଳିଆ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜନରେ ସହଯୋଗ ପାଇଁ କ୍ଲବ ସଭାପତି ଡେରଙ୍ଗ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ। ଗ୍ରାମ ସଭାପତି ପ୍ରଶ୍ନ ନାଏକଙ୍କ ସହିତ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ ୮ଟି ଟିମ୍ ଭାଗ ନେଇଥିବା ବେଳେ ଆସନ୍ତା ୨୦ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ।

# ୨୦୨୭ ସୁଦ୍ଧା କୁଷ୍ଠମୁକ୍ତ ଭାରତ ଗଠନ ଲକ୍ଷ୍ୟ

**ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ ନିମନ୍ତେ ସମନ୍ୱୟ କମିଟି ବୈଠକ**



ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ ନିମନ୍ତେ ସମନ୍ୱୟ କମିଟି ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଅନୁଗୋଳ,୧୮।୧(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ ଉପଲକ୍ଷେ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଜାନୁଆରୀ ୩୦ରୁ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ ସମ୍ପର୍କରେ ଜିଲା କୁଷ୍ଠ ରୋଗ ଅଧିକାରୀ ଡା. ସୂର୍ଯ୍ୟନାରାୟଣ ଦତ୍ତ ପ୍ରସ୍ତୁତି ଓ କାର୍ଯ୍ୟକାରିତା ସମ୍ପର୍କରେ ଉପସ୍ଥିତ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ। ଏହି ଅଭିଯାନ ଅନ୍ତର୍ଗତ ଜିଲାର ସମସ୍ତ ଗାଁ କଲ୍ୟାଣ ସମିତି, ଗ୍ରାମ ପଞ୍ଚାୟତ, ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ କୁଷ୍ଠ ରୋଗ ନିରାକରଣ ସମ୍ପର୍କିତ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। କୁଷ୍ଠ ରୋଗୀଙ୍କୁ ସମ୍ବର୍ଦ୍ଧନା, ଜିଲାପାଳଙ୍କ ବାର୍ତ୍ତା ପଠନ ଓ ଶପଥ ପାଠ ଆଦି କରାଯିବ। ପଞ୍ଚାୟତିରାଜ ବିଭାଗ, ଶିକ୍ଷା ବିଭାଗ, ଜିଲା ସମାଜ କଲ୍ୟାଣ ବିଭାଗ, ଜିଲା ସାମାଜିକ ସୁରକ୍ଷା ବିଭାଗ ଅଧିକାରୀମାନଙ୍କ ସହଯୋଗରେ ଏହି ଅଭିଯାନକୁ ସଫଳ ଭାବେ କାର୍ଯ୍ୟକାରୀ କରାଯିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। କେନ୍ଦ୍ରୀୟ କୁଷ୍ଠ ରୋଗ ବିଭାଗ ଦ୍ୱାରା ପ୍ରଣିତ ଜାତୀୟ ନୀତି ଯୋଜନା ୨୦୨୩-୨୭ ଅନୁଯାୟୀ ୨୦୨୭ ସୁଦ୍ଧା କୁଷ୍ଠମୁକ୍ତ ଭାରତ ଗଠନ ଲକ୍ଷ୍ୟ ରଖାଯାଇଛି। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଶିବାନନ୍ଦ ମହାନ୍ତି, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱବିହାରୀ ମହାନ୍ତି, ଜିଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ଭରତ କୁମାର ସାହୁଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୨୩-୨୪ ବର୍ଷରେ ୩୩୧ ଜଣ ନୂତନ କୁଷ୍ଠ ରୋଗୀ ଚିହ୍ନଟ ହୋଇଥିବା ବେଳେ ଚଳିତବର୍ଷ ଡିସେମ୍ବର ଶେଷ ସୁଦ୍ଧା ୨୧୮ ଜଣ ନୂଆ କୁଷ୍ଠ ରୋଗୀଙ୍କୁ ଚିହ୍ନଟ କରାଯାଇଛି।

# ଟାଟାଷ୍ଟିଲ୍ ପକ୍ଷରୁ ଜୈବ ବିବିଧତା ପାର୍କ ଉଦ୍‌ଘାଟିତ




ଢେଙ୍କାନାଳ,୧୮।୧(ରତନ ନାୟାର)

ଢେଙ୍କାନାଳ ଜିଲା ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ ମେରାମଣ୍ଡଳୀ (ଟିଏସ୍ଏମ୍) ପକ୍ଷରୁ ଶୁକ୍ରବାର ୨୫ଏକର ପରିମିତ ଅଞ୍ଚଳରେ ଏକ ଜୈବ ବିବିଧତା ପାର୍କ ଉଦ୍‌ଘାଟିତ ହୋଇଯାଇଛି । ଜିଲାର ଓଡ଼ାପଡ଼ା ତହସିଲ ଅଧିନସ୍ଥ ଶିବପୁର ଗ୍ରାମ ନିକଟରେ ଅବସ୍ଥିତ ଏହି ପାର୍କ ପରିବେଶ ପ୍ରବନ୍ଧନ ପ୍ରତି ଟିଏସ୍ଏମ୍‌ର ପ୍ରତିବଦ୍ଧତା ଓ ଶିଳ୍ପ ବର୍ଜ୍ୟସ୍ଥଳୀରୁ ସମୃଦ୍ଧ ସବୁଜ ବାତାବରଣ ସୃଷ୍ଟି କରିବାରେ ଏକ ଅଭିନବ ପଦକ୍ଷେପ । ଏହି ପାର୍କକୁ ରୁଚି ନରେନ୍ଦ୍ରନ୍ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଟିଏସ୍ଏମ୍ ଅପରେସନର ଉପାଧ୍ୟକ୍ଷ ଉତ୍ତମ ସିଂହ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ପୂର୍ବରୁ ଫ୍ଲାଏଆସ୍ ଗଦାହୋଇ ଅବ୍ୟବହୃତ ହୋଇ ପଡିଥିବା ଏହି ସ୍ଥାନ, ଯାହାକି ସମୁଦ୍ର ପତନଠାରୁ ସର୍ବାଧିକ ୭୨-୭୪ ମିଟର ଉଚ୍ଚତା ବିଶିଷ୍ଟ ଅଟେ । ଏହା ସ୍ଥାନକୁ ବିକଶିତ କରିବା ପାଇଁ ସମସ୍ତ ବୈଧାନିକ ନିର୍ଦ୍ଦେଶାବଳୀକୁ ଅନୁସରଣ କରି ପ୍ରକଳ୍ପର ପୁନରୁଦ୍ଧାର କରାଯାଇପାରିଛି । ଜୈବ ପାର୍କରୁ ବୈଶିଷ୍ଟ୍ୟଗୁଡିକ ହେଲା ପ୍ରଜାପତି ଉଦ୍ୟାନ, ଯାହାକି ଭାରତୀୟ ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ଅଧିନରେ ସୁରକ୍ଷିତ ଥିବା ବିଭିନ୍ନ ପ୍ରଜାତିର ପ୍ରଜାପତି ପାଇଁ ଖାଦ୍ୟ ଏବଂ ବାସସ୍ଥାନ ପ୍ରଦାନ କରିଥାଏ । ଇକ୍ସୋରା ପାର୍କ, ଯାହାକି ଅତିରିକ୍ତ ପ୍ରାକୃତିକ ବାସସ୍ଥାନ ଏବଂ ଢାଲୁକୁ ସ୍ଥିରତା ପ୍ରଦାନ କରୁଥିବା ଏକ ଭୂଭାଗ । ଅମ୍ଳଜାନ ପାର୍କ, ଯାହାକି ଅମ୍ଳଜାନ ବୃଦ୍ଧି ପାଇଁ ନିର୍ଦ୍ଦିଷ୍ଟ ବୃକ୍ଷରୋପଣ, ବାଉଁଶ ଟନେଲ ଯେଉଁଥିରେ ଏକ କାର୍ବନ ପୃଥକୀକରଣ ସୁବିଧା ରହିଛି, ଯାହା ମୃତ୍ତିକା କ୍ଷୟର ନିୟନ୍ତ୍ରଣ ଏବଂ ଅଙ୍ଗାରକାମ୍ଳ ନିରୋଧୀ ବ୍ୟବସ୍ଥା ପାଇଁ ସ୍ଥାୟୀ ଏକ ପ୍ରତିକାର ସ୍ୱରୁପ ବାଉଁଶର ବ୍ୟବହାରକୁ ପ୍ରଦର୍ଶିତ କରେ । ସରିସୃପ ପର୍ବତ, ଯାହାକି ସ୍ଥାନିୟ ସରିସୃପ ଜନସଂଖ୍ୟା ପାଇଁ ଏକ ଉତ୍ସର୍ଗିକୃତ ବାସସ୍ଥାନ । ଔଷଧୀୟ ଉଦ୍ୟାନରେ ଔଷଧୀୟ ଚାରାରୋପଣ, ସ୍ଥାନିୟ ଜ୍ଞାନକୁ ପ୍ରୋତ୍ସାହିତ କରିବା ଏବଂ ମୂଲ୍ୟବାନ ଉଦ୍ଭିଦଭିତ୍ତିକ ଉପଚାର ଉପଲବ୍ଧ କରାଇବା, ନେଷ୍ଟିଂନିଚ୍, ଯେଉଁଥିରେ କି ବିଭିନ୍ନ ପ୍ରଜାତିର ପକ୍ଷୀ ବିଶ୍ରାମ କରିବା ପାଇଁ ସୁରକ୍ଷିତ ପ୍ରାକୃତିକ ବାସସ୍ଥାନ ପ୍ରଦାନ କରିଥାଏ । ଏହି ଉଦ୍ୟାନ ବର୍ତ୍ତମାନ ଅନେକ ପ୍ରଜାତିର ପ୍ରଜାପତି, ପକ୍ଷୀ ଏବଂ ସରିସୃପ ସମେତ ଉଦ୍ଭିଦ ଏବଂ ଜୀବଜନ୍ତୁଙ୍କ ସମୃଦ୍ଧ ବିବିଧତାକୁ ସଂରକ୍ଷଣ କରିବାରେ ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି । ଏହି ପ୍ରକଳ୍ପର ଆନୁମାନିକ ବାର୍ଷିକ ଅଙ୍ଗାରକାମ୍ଳ ସଂରକ୍ଷଣ କ୍ଷମତା ପ୍ରାୟ ୧୨୦ଟନ୍ ଅଟେ । ଏହି ପ୍ରକଳ୍ପ ଟାଟାଷ୍ଟିଲର ପରିବେଶ ପରିଚାଳନା ପ୍ରତି ସମର୍ପଣ ଓ ସ୍ଥାନୀୟ ସମୁଦାୟ ଏବଂ ପରିବେଶ ଉପରେ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ପାଇଁ ଏହା ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି କମ୍ପାନୀ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି ।



## ଜୁନିୟର ରେଡ୍‌କ୍ରସ୍ ଶିକ୍ଷା ଓ ତାଲିମ୍ ଶିବିର ଉଦ୍‌ଯାପିତ



ଢେଙ୍କାନାଳ,୧୮।୧(ରତନ ନାୟାର)

୩୬ ତମ ଜିଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସୁନ୍ଦରିଖାଲଠାରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁଙ୍କ ସଭାପତିତ୍ୱରେ ଶନିବାର ଉଦଯାପିତ ହୋଇଯାଇଛି। ଉତ୍ସବରେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରେଡକ୍ରସର ଉପଯୋଗିତା ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଉଦବୋଧନ ଦେଇଥିଲେ। ଶିବିରରେ ଜିଲା ସଂପାଦକ ପ୍ରକାଶ ଚନ୍ଦ୍ର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବରେ ବିଦ୍ୟାଳୟର ସଂପାଦକ ଗଗନ ବିହାରୀ ନାୟକ, ସଭାପତି ବାବୁ ଚାନ୍ଦ ମହାଲିକ, ନରେଶ କୁମାର ମହାରଣା, ପ୍ରଶାନ୍ତ କୁମାର ଧଳ, ବିପିନ ବିହାରୀ ଶତପଥୀ ଯୋଗଦେଇ ଶିବିର ପରିଚାଳନା କରିଥିଲେ। ଶିବିରରେ ନିମିଧା ଉଚ୍ଚ ବିଦ୍ୟାଳୟର ପ୍ରଦୀପ କୁମାର ସାହୁ ଓ ଦୁଦୁର୍କୋଟ୍ ଉଚ୍ଚ ବିଦ୍ୟାଳୟର ଗାୟତ୍ରୀ ପଟ୍ଟନାୟକଙ୍କୁ ସର୍ବୋତ୍ତମ ଜୁନିୟର ରେଡକ୍ରସ୍ କାଉନସିଲର ଏବଂ ସର୍ବୋତ୍ତମ ଜୁନିୟର୍ ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାରିହାପୁରର ବିଦୁସ୍ମିତା ବେହେରା ଓ ସରକାରୀ ଉଚ୍ଚ ବିଦ୍ୟାଳୟ ବଡଶୁଆଁଳୋର ପ୍ରିୟବ୍ରତ ସେନାପତିଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ୪୨୦ ଶିଶୁ ଓ ୧୫୦ ଜୁନିୟର ରେଡକ୍ରସ କାଉନସିଲର ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନଗେନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବେଲଟିକିରିରେ ଧାନମଣ୍ଡି ଉଦ୍‌ଘାଟିତ

ଢେଙ୍କାନାଳ,୧୮।୧
(ରତନ ନାୟାର)



ଢେଙ୍କାନାଳ ଜିଲା ସଦର ବ୍ଲକ ବେଲଟିକିରି ସେବା ସମବାୟ ସମିତି ପକ୍ଷରୁ ଶୁକ୍ରବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ସମବାୟ ସେବା ସଭାପତି ସୁନିଲ ସାମଲ, ସମ୍ପାଦକ ସୁଶିଲ ପଟ୍ଟନାୟକ ଏହି ଧାନ ମଣ୍ଡିକୁ ଉଦଘାଟନ କରିଥିଲେ। ମଣ୍ଡି ଅଧିକାରୀ ସୁଧୀର ମଲ୍ଲିକ, ନୋଡାଲ ଅଧିକାରୀ ଅଶୋକ କୁମାର ପରିଡା, ବୋର୍ଡ ସଦସ୍ୟ ଅଜିତ ଦାସ, ପଦ୍ମିନୀ ପରିଡା, ଚାଷୀ ସନତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସଙ୍ଗୀତ ଜୀବନରେ ଆନନ୍ଦର ଶକ୍ତି ପ୍ରଦାନ କରିଥାଏ

### ସରଗମ୍ ଡ୍ୟାନ୍ସ ଫେଷ୍ଟିଭାଲ ଉଦ୍‌ଘାଟିତ

ଢେଙ୍କାନାଳ,୧୮।୧(ରତନ ନାୟାର)

ଢେଙ୍କାନାଳ ସରଗମ୍ ଡ୍ୟାନ୍ସ ଓ ସଙ୍ଗୀତ ଏକାଡେମୀ ପକ୍ଷରୁ ଦୁଇଦିନ ବ୍ୟାପୀ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ସରଗମ୍ ଡ୍ୟାନ୍ସ ଫେଷ୍ଟିଭାଲ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣୀ ପ୍ରଧାନ, ବାରଦା ମାତୃଭବନ ସମ୍ପାଦକ ସଚ୍ଚିଦାନନ୍ଦ ମହାରଣା ପ୍ରମୁଖ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଅନୁଷ୍ଠାନର ସଭାପତି ପୁରୁଷୋତ୍ତମ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଅତିଥିମାନେ କହିଥିଲେ ଯେ, ଢେଙ୍କାନାଳ କଳାର ସହର । କଳାର ବିକାଶ ପାଇଁ ସାଂସ୍କୃତିକ ଅନୁଷ୍ଠାନଗୁଡିକ ପକ୍ଷରୁ ଏଠାରେ ବର୍ଷତମାମ ପ୍ରୟାସ ଜାରି ରହିଛି । ସଙ୍ଗୀତ ଜୀବନରେ ଆନନ୍ଦର ଶକ୍ତି ପ୍ରଦାନ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ଅନୁଷ୍ଠାନର ସମ୍ପାଦକ ନୃତ୍ୟଗୁରୁ ସମୀର କୁମାର ପୃଷ୍ଟି ସମ୍ପଦକୀୟ ବିବରଣୀ ପ୍ରଦାନ କରିଥିଲେ । କବି ଅଥୟ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ଅନୁଷ୍ଠାନର କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଶାସ୍ତ୍ରୀୟ ଓ ଲୋକନୃତ୍ୟ ପରିବେଷିତ ହୋଇଥିଲା ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

## ଚଉଦକୋଷ ଅନୁସୂଚିତ ଜାତି ସମାଜ ପକ୍ଷରୁ ବାର୍ଷିକ ସମ୍ମିଳନୀ

ସାତମାଇଲ,୧୮।୧ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ମଧ୍ୟସ୍ଥଳ ସାତମାଇଲ ହାଟପଡ଼ିଆଠାରେ ଶୁକ୍ରବାର ହିନ୍ଦୋଳ ବ୍ଲକର ଚଉଦକୋଷ ଅନୁସୂଚିତ ଜାତି ସମାଜ ପରିଷଦ ପକ୍ଷରୁ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ଅନୁସୂଚିତ ଜାତି ସମାଜର ଉନ୍ନତି କିପରି ହୋଇପାରିବ ଏବଂ ସମାଜ ମୁଖ୍ୟସ୍ରୋତରେ ସମସ୍ତେ ଆତ୍ମନିର୍ଭରଶୀଳ ହୋଇ ଆଗେଇ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ସହ କରାଯାଇପାରିବ ସେ ନେଇ ପୁରୁଣାକୋଟର ସନାତନ ଗୋଛାୟତ ଉଦବୋଧନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୪୬ଟି ଗ୍ରାମର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସଭାପତି ୱାଲି ଗୋଛାୟତ ବାର୍ଷିକ ବିବରଣୀ ପାଠ କରିବା ସହ ସମାଜର ଭଲ ମନ୍ଦ ସମସ୍ୟାର ସମାଧାନ ଉପରେ ଆଲୋଚନା କରିଥିଲେ। ଦିନକୁ ଦିନ ଆମ ସଂସ୍କୃତି ପରମ୍ପରା ଓ ଆମ ଧର୍ମ ଲୁପ୍ତ ହେବାକୁ ବସିଥିବା ବେଳେ ସମାଜର ଏହି ବୈଠକ ଆଗାମୀ ପିଢି ପାଇଁ ଦିଗଦର୍ଶନ ସାବ୍ୟସ୍ତ ହେବ ବୋଲି ବକ୍ତାମାନେ ମତ ଦେଇଛନ୍ତି।



ସମ୍ମିଳନୀରେ ଯୋଗଦେଇଥିବା ଅତିଥିବୃନ୍ଦ।

## ଘରକୁ ଯାଇ ଭତ୍ତା ବାଣ୍ଟିଲେ ବିଧାୟିକା



ସାତମାଇଲ, ୧୮।୧ (ସୁଶାନ୍ତ ପତି)

ହିନ୍ଦୋଳ ବିଡିଓ କଲ୍ୟାଣ ସୌରଭ ଦାସଙ୍କ ଉପସ୍ଥିତରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ରଞ୍ଜାଗୋଳ ପଞ୍ଚାୟତରେ ୧୫ଜଣଙ୍କୁ ଏବଂ କାରନ୍ଦା ପଞ୍ଚାୟତରେ ୫୩ ଜଣଙ୍କୁ ୮୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏବଂ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରିଛନ୍ତି। ବିଧାୟିକା କାରନ୍ଦା ଗାଁରେ କେତେକ ହିତାଧିକାରୀଙ୍କ ଘରକୁ ଯାଇ ଭତ୍ତା ଟଙ୍କା ପ୍ରଦାନ କରିଛନ୍ତି। ଏହି ଭତ୍ତା ବଣ୍ଟନ ବେଳେ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ରଞ୍ଜାଗୋଳ ସରପଞ୍ଚ ରମେଶ ବିଶ୍ୱାଳ, କାରନ୍ଦା ସରପଞ୍ଚ ଦୁଷ୍ମନ୍ତ କୁମାର ନାଏକ, ସମିତି ସଭ୍ୟ ଶତ୍ରୁଘନ ପରିଡା, ଅଶୋକ ରାଉତ, ପ୍ରବୋଧ କୁମାର ପ୍ରଧାନ, ରଞ୍ଜନ କୁମାର ସାହୁ, ଜଲି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକମାନଙ୍କ ମାସିକ ସହଭାଗିତା ବୈଠକ

ଢେଙ୍କାନାଳ,୧୮।୧(ରତନ ନାୟାର)



ଢେଙ୍କାନାଳ ସଦର ବ୍ଲକ୍ ଗୁହାଳଡିହ ପ୍ରାଥମିକ ବିଦ୍ୟାଳୟଠାରେ କାକୁଡିଭାଗ କ୍ଲଷ୍ଟର ଅଧିନ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଏଫ୍ଏଲ୍ଏନ୍. ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କର ମାସିକ ସହଭାଗିତା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ କ୍ଲଷ୍ଟରର ବରିଷ୍ଠ ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ମଲ୍ଲିକ ଓ ନିତ୍ୟାନନ୍ଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ବୈଠକରେ ଜାନୁଆରୀ ମାସର ଶୈକ୍ଷିକ କ୍ୟାଲେଣ୍ଡର, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସଂପର୍କିତ ବିଷୟବସ୍ତୁ, ଶିକ୍ଷଣ ସାମଗ୍ରୀ ମାଧ୍ୟମରେ ଦଶମିକ ଭଗ୍ନାଂଶର ଶିକ୍ଷଣ କାର୍ଯ୍ୟ ଓ ବିଦ୍ୟାଳୟଗୁଡ଼ିକୁ ମଞ୍ଜୁର ହୋଇଥିବା ବିଭିନ୍ନ ଅନୁଦାନ ଓ ତା'ର ସଠିକ୍ ବିନିଯୋଗ ଆଦି ସଂପର୍କରେ ବିଶଦ ଭାବେ ଆଲୋଚନା କରାଯାଇଥିଲା । ଶିକ୍ଷୟିତ୍ରୀ ସଂଯୁକ୍ତ ପ୍ରଧାନ ଓ ସ୍ୱର୍ଣ୍ଣପ୍ରଭା ମିଶ୍ର ମୌଳିକ ସାକ୍ଷରତା ଉପରେ ଓ ଶିକ୍ଷକ ବିଶ୍ୱଜିତ ମହାମାନସିଂହ ଓ ରଞ୍ଜନ ପ୍ରଧାନ ସଂଖ୍ୟାଜ୍ଞାନ ଉପରେ ପାଠ ଯୋଜନା ପ୍ରସ୍ତୁତ କରି ଶିକ୍ଷଣ କାର୍ଯ୍ୟ ଉପସ୍ଥାପନ କରିଥିଲେ । ସିଆର୍‌ସିସି ଅର୍ଜୁନ ନାୟକ ସାଧନକର୍ମୀ ଭାବେ ଯୋଗଦେଇ ବୈଠକ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ କମିଟି ସଭାପତି ଅଜୟ ରାଉତଙ୍କ ସମେତ ସମସ୍ତ ସଭ୍ୟସଭ୍ୟା ସହଯୋଗ କରିଥିଲେ ।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

କାମାକ୍ଷାନଗର, ୧୮।୧
( ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମବର୍ଷ ଛାତ୍ରୀମାନଙ୍କର ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ମଙ୍ଗୁଲୁ ନାଏକ ସଭାପତିତ୍ୱ କରି ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀମାନଙ୍କ ସକାଶେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ନିତ୍ୟାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ପ୍ରାଧ୍ୟାପକ ରଞ୍ଜନ କୁମାର ପୃଷ୍ଟି ଯୋଗଦେଇ ପ୍ରଶିକ୍ଷଣ ଶିବିରର ସଫଳତା ଓ ବ୍ୟବହାରିକ ପଦ୍ଧତି ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଶରତ ଚନ୍ଦ୍ର ବେହେରା ପ୍ରଶିକ୍ଷଣ ଶିବିରର ପ୍ରୟୋଗିକ ମୂଲ୍ୟବୋଧ ସମ୍ପର୍କରେ ଅବଗତ କରାଇଥିଲେ। ଶିବିରର ସଂଯୋଜିକା ଅଧ୍ୟାପିକା ଜ୍ୟୋର୍ତିମୟୀ ବେହେରା ଶିବିରର ଆଭିମୁଖ୍ୟ ଓ କାର୍ଯକ୍ରମର ସଫଳତା ସମ୍ପର୍କରେ ଅବଗତ କରାଇଥିଲେ। ମାଷ୍ଟର ଟ୍ରେନର ସାଇକ୍ରିଷ୍ଟା ସାହୁ ଓ ଶୁଭଲକ୍ଷ୍ମୀ ମହାପାତ୍ରଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଇଥିଲା। ଅଧ୍ୟାପିକା ପ୍ରିୟଦର୍ଶିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


ଛାତ୍ରୀମାନେ ପ୍ରଶିକ୍ଷଣ ନେଉଛନ୍ତି ।

## ଓଡ଼ାପଡ଼ାରେ ବର୍ଦ୍ଧିତ ଭତ୍ତା ବଣ୍ଟନ



ଓଡ଼ାପଡ଼ା, ୧୮।୧ (ରଞ୍ଜିତ ନାୟକ): ଓଡ଼ାପଡ଼ା ବ୍ଲକ ପରିସରରେରେ ବର୍ଦ୍ଧିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଢେଙ୍କାନାଳ ଏମପି ରୁଦ୍ରନାରାୟଣ ପାଣି, ସମ୍ମାନିତ ଅତିଥି ରୂପେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ ଯୋଗଦେଇ ୩୫୦୦ ଟଙ୍କା ଲେଖାଏଁ ଭତ୍ତା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୩୦ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଏହା ସହିତ ଏମପି ରୁଦ୍ରନାରାୟଣ ପାଣି ନୂଆ ଓଡ଼ାପଡ଼ା ଗ୍ରାମର ଜଣେ ବରିଷ୍ଠ ହିତାଧିକାରୀଙ୍କ ଘରକୁ ଯାଇ ଭତ୍ତା ଟଙ୍କା ପ୍ରଦାନ କରିଥିଲେ।

## ସ୍ତ୍ରୀ, ପୁଅ ଆଗରେ ବୁଡ଼ିଗଲେ ଯୁବକ

କାମାକ୍ଷାନଗର, ୧୮।୧ (ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନଏସି ମହିମା ଗୁଙ୍ଗି (ୱାର୍ଡ ନଂ ୬) ସାହିର ଟିକମ ସେଠୀଙ୍କ ମଝିଆ ପୁଅ ସୁରେଶ କୁମାର ସେଠୀ (୫୫) ଶନିବାର ମଧ୍ୟାହ୍ନରେ ଗୁଣ୍ଡିଚାନାଳି ସ୍ଥିତ ରାମିଆଳ ନଦୀରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସୁରେଶ ତାଙ୍କ ସ୍ତ୍ରୀ ଓ ପୁଅକୁ ନେଇ ଗୁଣ୍ଡିଚାନାଳି ବୁଲିବାକୁ ଯାଇଥିଲେ। ଅସାବଧାନତା ବଶତଃ ରାମିଆଳ ନଦୀ ଭିତରେ ଗୋଡ଼ ଖସି ଯିବାରୁ ବୁଡ଼ିଯାଇଥିଲେ। ତାଙ୍କ ସ୍ତ୍ରୀ ସ୍ଥାନୀୟ କିଛି ଲୋକଙ୍କ ସହାୟତାରେ ଗଭୀର ପାଣିରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ପରୀକ୍ଷା କରି ସୁରେଶଙ୍କୁ ମୃତ ଘୋଷଣା କରିଥିଲେ।

## ମୀରାବାଈ କଳାବିକାଶ କେନ୍ଦ୍ରର ବାର୍ଷିକୋତ୍ସବ ଉଦ୍‌ଯାପିତ

ଭୁବନ, ୧୮।୧(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ମୀରାବାଈ କଳାବିକାଶ କେନ୍ଦ୍ରର ବାର୍ଷିକ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ କଳାବିକାଶ କେନ୍ଦ୍ରର ସମ୍ପାଦକ ଭଗବାନ ଗୁରୁ ସଭାପତିତ୍ୱ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଗାୟକ ସୁରେନ୍ଦ୍ର କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ବରିଷ୍ଠ ଆଇନଜୀବୀ ନବକିଶୋର ଗୁରୁ, ଓଡ଼ିଶା ହାଇକୋଟ ଆଇନଜୀବୀ ଅକ୍ଷୟ କୁମାର ସାହୁ, ଡାକ୍ତର ଶାନ୍ତି ଭୂଷଣ ପଣ୍ଡା ଓ ଭୁବନ ବ୍ଲକ କଳାକାର ସଙ୍ଘ ସଭାପତି ଅଶୋକ କୁମାର ସାମଲ ଅତିଥି ଭାବେ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମକୁ ବିନୋଦ କୁମାର ମହାରଣା ପରିଚାଳନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାର୍ଷିକ ଉତ୍ସବରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଲୋକକଳା, ଘୁମୁରା ନୃତ୍ୟ, ଘୋଡାନାଚ, ଓଡ଼ିଶୀ ନୃତ୍ୟ, ଦାସକାଠିଆ, ପାଲା, ସମ୍ବଲପୁରୀ ନୃତ୍ୟ ଓ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା। ସେଥିରେ ୬ଜଣ କଳାକାର, କାମାକ୍ଷାନଗର ଓ ଭୁବନର ଖବରଦାତାମାନଙ୍କୁ ଉପଢୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ନୃତ୍ୟଗୁରୁ ସୀମାଳିନୀ ଦାସ, ରତ୍ନପ୍ରଭା ଗୁରୁ ନୃତ୍ୟ ପରିବେଶଣରେ ସହଯୋଗ କରିଥିବା ବେଳେ କଳାକାର ଶାନ୍ତନୁ କୁମାର ଦାସ, ବ୍ରହ୍ମାନନ୍ଦ ସାହୁ, ହୃଷିକେଶ ନାୟକ, ଦୀପକ ଗୁରୁ, ବୁଲା ସାହୁ, ପ୍ରମୋଦ କୁମାର ଗୁରୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

## ଆଦର୍ଶ ପ୍ଲସ୍‌ର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ଉଦ୍‌ଘାଟିତ



ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ଉଦଘାଟନ ମଞ୍ଚାସୀନ ଅତିଥିମାନେ।


କ୍ରୀଡ଼ା ସଂଗଠକ ସଞ୍ଜୟ କୁମାର ଭଞ୍ଜଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଢେଙ୍କାନାଳ,୧୮।୧(ରତନ ନାୟାର)

ଢେଙ୍କାନାଳ ଆଦର୍ଶ ପ୍ଲସ୍ ଡିଜିଟାଲ ମିଡିଆର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ଶନିବାର ଗୋପବନ୍ଧୁ ଟାଉନହଲଠାରେ ଉଦଘାଟିତ ହୋଇଯାଇଛି । ଏହି ଉତ୍ସବକୁ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଏସ୍‌ପି ଅଭିନବ ସୋନକର, ମୁଖ୍ୟବକ୍ତା ଭାବେ ଜିଲା ଲୋକକଳା ସଂଘ ଉପସଭାପତି ଅବନୀ ମିଶ୍ର ଯୋଗ ଦେଇଥିଲେ । ଅନୁଷ୍ଠାନ ପକ୍ଷରୁ ବିଜ୍ଞାନ ମହାନ୍ତିଙ୍କ ପରିଚାଳନାରେ ଆୟୋଜିତ ଏହି ଉତ୍ସବରେ ସଞ୍ଜିବ କୁମାର ମିଶ୍ର ସଭାପତିତ୍ୱ କରିଥିଲେ । ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ଶକ୍ତି ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସାନ୍ଧ୍ୟ ଅଧିବେଶନରେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ଚଳଚ୍ଚିତ୍ର ଅଭିନେତ୍ରୀ ରାଲି ନନ୍ଦ, ସମାଜସେବୀ ସାଗରିକା ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଆଦର୍ଶ ସଂଗଠକ ଭାବେ ଜିଲା କ୍ରୀଡ଼ା ସଂସଦ ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ସନ୍ତୋଷିନୀ ଜେଠି, ଆଦର୍ଶ ସେବା ସମ୍ମାନରେ ବଜରଙ୍ଗ କ୍ଲବ, ଆଦର୍ଶ ପୋଲିସ ସମ୍ମାନରେ ଟ୍ରାଫିକ କନେଷ୍ଟବଳ ଗଣେଶ୍ୱର ରାଉତ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସହ ସମ୍ପାଦକ ବିଜ୍ଞାନ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ । ସୁଶାନ୍ତ ପାଣି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

